بسم الله الرحمن الرحيم

# ୮ ଅଗଷ୍ଟ ୨୦୧୪ ଖୁତ୍‌ବାଃ ଜୁମାର ସାରାଂଶ

**ସ୍ଥାନ: ମସଜିଦ୍ ବୈତୁଲ୍ ଫୁତୁହ, ଲଣ୍ଡନ** **ସୌଜନ୍ୟ: ନଜାରତ୍ ନଶ୍‌ରୋ ଇଶାଅତ୍ କାଦିୟାନ୍, ପଞ୍ଜାବ**

ତଶହହୁଦ୍, ତା'ଉଜ୍, ତସ୍‌ମିୟା ଓ ସୁରା ଫାତିହା ଆବୃତ୍ତି କରି ସାରି ଆମର ପ୍ରିୟ ହଜୁର୍[ଅବ] ପବିତ୍ର କୁରଆନ୍‌ର ନିମ୍ନଲିଖିତ ଆୟତ ପାଠ କଲେ:

أَمَّنْ يُجِيبُ الْمُضْطَرَّ إِذَا دَعَاهُ وَيَكْشِفُ السُّوءَ وَيَجْعَلُكُمْ خُلَفَاءَ الْأَرْضِ أَإِلَٰهٌ مَعَ اللَّهِ قَلِيلًا مَا تَذَكَّرُونَ (النمل: 63)

ଉଚ୍ଚାରଣ : **ଆମ୍ମନ୍ ୟୋଜିବୁଲ୍ ମୁଜ୍‌ତର୍‌ରା ଇଜା ଦା'ଆହୁ ଓ୍ୱ ୟକ୍ ଶିଫୁସ୍ ସୁ'ଆ ଓ୍ୱ ୟଜ୍ ଅଲ୍‌କୁମ୍ ଖୋଲଫା ଅଲ୍ ଅର୍‌ଜି ଆଇଲହୁ ମା'ଅଲ୍‌ଲାହି କଲିଲନ୍ ମା' ତଜକ୍‌କରୁନ୍ ॥**

ଅନୁବାଦ: ଏପରି କିଏ ପୁଣି ଅଛି, ଯାହାଙ୍କୁ ଭକ୍ତ ଯେତେବେଳେ ଡାକେ, ସେ ତା'ର ଆକୁଳ ପ୍ରାର୍ଥନାକୁ ଗ୍ରହଣ କରେ । ତା'ର କ୍ଳେଶ ଦୂର କରିଦିଏ ଓ ତୁମକୁ ଭୁପୃଷ୍ଠରେ ଉତ୍ତରାଧିକାରୀ କରିଦିଏ । କ'ଣ ଅଲ୍ଲାଃଙ୍କ ସମକକ୍ଷ ଅନ୍ୟ କେହି ଉପାସ୍ୟ ଅଛି ? ତୁମ ଭିତରେ ଅତି ଅଳ୍ପ ବ୍ୟକ୍ତି ଏହି ଉପଦେଶ ଗ୍ରହଣ କରନ୍ତି । **(ଅଲ୍ - ନମଲ୍ ୬୩)**

ହଜରତ ମସିହ ମଉଦ[ଅସ] ନିଜ ଜମାଅତ୍‌କୁ ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି ଯେ ତୁମେ ପ୍ରାର୍ଥନା ପ୍ରତି ଅଧିକ ଧ୍ୟାନ ଦିଅ । କାରଣ ଦୁଆ ବଳରେ ହିଁ ଜମାଅତ୍‌ର ଉନ୍ନତି, ବିଜୟ ଓ ଶତ୍ରୁମାନଙ୍କ ବିରୁଦ୍ଧାଚରଣରୁ ମୁକ୍ତି ମିଳିବ । ସେ ଏହା ସ୍ପଷ୍ଟ ରୂପେ କହଛନ୍ତି ଯେ ଆମର ଜୟଯୁକ୍ତ ହେବାର ଏକମାତ୍ର ଅସ୍ତ୍ର ହେଉଛି ଦୁଆ । ତେଣୁ ଯଦି ଆମକୁ ଦୁଆର ପ୍ରତିଦାନରେ ପ୍ରତ୍ୟେକ ପ୍ରକାର ଉନ୍ନତି ଦେଖିବାର ଅଛି ଓ ପ୍ରତ୍ୟେକ ଶତ୍ରୁଙ୍କୁ ପରାଜିତ କରିବାର ଅଛି, ତା'ହେଲେ ଦୁଆର ଗୁରୁତ୍ୱକୁ ସମ୍ମୁଖରେ ରଖି ଆମେ କିପରି ଭାବରେ ଦୁଆ ପ୍ରତି ଧ୍ୟାନ ଦେବା ଓ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଆମେ କେତେ ଦୂର ଆଗ୍ରହ ପ୍ରକାଶ  କରୁଛେ, ତାହା ଅତି ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟ ପ୍ରତି ଆମର ମନୋବୃତ୍ତି କେତେଦୂର ରହିଛି ତାହାର ଅନୁମାନ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ଅବସ୍ଥାକୁ ଦେଖି ଲଗାଇ ପାରିବ ଓ ପ୍ରତ୍ୟେକ ବ୍ୟକ୍ତି ଆତ୍ମ ସମୀକ୍ଷା କରିପାରିବ ।

ସାଧାରଣତଃ ରମଜାନ ଚାଲିଗଲା ପରେ ବହୁଳ ଭାବେ ଦୁଆ କରିବା ପ୍ରତି ଆମର ଧ୍ୟାନ ରହେ ନାହିଁ । ବର୍ତ୍ତମାନ ଦୁନିଆର ପରିସ୍ଥିତି ଉଦ୍‌ବେଗ ଜନକ । ମୁସଲିମ ଜାତି ବିଶେଷତଃ ପାଲେଷ୍ଟାଇନ ଉପରେ ଇସ୍ରାଇଲର ଅମାନୁଷିକ ଆକ୍ରମଣ ଯାହାକୁ ବନ୍ଦ କରିବା ପାଇଁ କଟକଣା ହୋଇଥିଲା, କିନ୍ତୁ ଆଜି ଶୁଣିବାକୁ ମିଳୁଛି ସେହି ଯୁଦ୍ଧ ବିରତି ଶେଷ ହୋଇଗଲା । ସୁତରାଂ ଅଲ୍ଲାଃ କରନ୍ତୁ ଯୁଦ୍ଧ ବିରତି କେବଳ ସାମୟିକ ଭାବରେ ନ ହୋଇ ସ୍ଥାୟୀ କରାଯାଉ ତଥା ଏପରି ଅମାନୁସିକ ଅତ୍ୟାଚାରକୁ ବନ୍ଦ କରାଯାଉ । ଆଜି ଆମେମାନେ ଏହା ମଧ୍ୟ ଦେଖୁଛୁ ଯେ ମୁସଲମାନ ଜଣେ ଅନ୍ୟକୁ ହତ୍ୟା କରିବା, ଶୀର ଛେଦନ କରିବା ଭଳି ନର ସଂହାରଲୀଳା  ଚରମ ସୀମାରେ ପହଞ୍ଚିଛି । କଲମା ପଢୁଥିବା ବ୍ୟକ୍ତିଙ୍କ ତରଫରୁ ଅଲ୍ଲାଃ ଓ ରସୁଲଙ୍କ ନାମରେ ଅହମଦିଙ୍କ ପ୍ରତି ଅତ୍ୟାଚାର କରାଯାଉଛି । ଅଲାଜୁକ ଭାବରେ ସେହି ଅତ୍ୟାଚାରକୁ ଜାରି ରଖିବାର ବାହାନା ଖୋଜୁଛନ୍ତି ଓ ତାହା ଅବାଧରେ ପ୍ରକାଶ କରୁଛନ୍ତି । ଅହମଦିମାନଙ୍କୁ ଦୁଃଖ ନିର୍ଯ୍ୟାତନା ଦେବା ପାଇଁ ପାକିସ୍ତାନରେ ଏବେ ମୁଲ୍ଲାମାନଙ୍କ ଅଧୀନରେ ପ୍ରଭାବିତ ଅଧିକାଂଶ ଅଣ-ଅହମଦି ପ୍ରତ୍ୟେକ ସ୍ତରରେ କୌଣସି ସୁଯୋଗକୁ ହାତଛଡା କରୁନାହାନ୍ତି । ଏପରିକି ଆଗାମୀ ପିଢିର କୋମଳମତି ପିଲାଙ୍କ ମନରେ ବିଷୋଦ୍‌ଗାରର ଭାବନା ସୃଷ୍ଟି କରାଯାଉଛି । ସେମାନଙ୍କ ମୁହଁରୁ ଏପରି ଶବ୍ଦ ଉଚ୍ଚାରଣ କରାଯାଉଛି, ଯେଉଁମାନଙ୍କୁ ଧର୍ମ କ'ଣ ଜଣାନାହିଁ ବା ଶତ୍ରୁତା କରିବା କାହାକୁ କୁହାଯାଏ, ତାହା ମଧ୍ୟ ସେମାନେ ଜାଣନ୍ତି ନାହିଁ । କେବଳ ଅହମଦିମାନେ ହେଉଛନ୍ତି  କାଫିର୍ ଓ ତାଙ୍କୁ ହତ୍ୟା କରିବା ନୀତି ସଂଗତ ବୋଲି ହୁରି ପକାଯାଉଛି  । ଏହି ସବୁ ଦୁର୍ଦ୍ଦଶା ସ୍ଥିତିରେ ଜନକ  ଆମମାନଙ୍କୁ ଅଲ୍ଲାଃଙ୍କ ଛାମୁରେ ପୂର୍ବାପେକ୍ଷା ଅଧିକ ଭକ୍ତି ଓ ନିଷ୍ଠାର ସହିତ  ଦୁଆ କରିବା ଉଚିତ । ଅନ୍ୟ ମୁସଲମାନ ଅତ୍ୟାଚାରର ଜବାବ ଅତ୍ୟାଚାରରେ ଦେଇ ହିସାବ ପୁରା କରିଦେଉଛନ୍ତି । କିନ୍ତୁ ଆମକୁ ତ ପ୍ରତ୍ୟେକ ପ୍ରକାର ଅତ୍ୟାଚାରକୁ ଧୈର୍ଯ୍ୟ ଓ ଦମ୍ଭର ସହିତ ସହ୍ୟ କରିବାକୁ ହେବ । ଦୁଃଖ ଯନ୍ତ୍ରଣାର ପିଆଲାକୁ  ମୁହଁରେ ଲଗାଇ ପିଇଯିବାକୁ ହେବ । ଅଲ୍ଲାଃଙ୍କ ଛାମୁରେ କାକୁତି ମିନତି ହୋଇ ଦୁଆ ମାଗି ଏହାକୁ ଅନ୍ତ କରିବାକୁ ହେବ । ହଜରତ ମସିହ ମଉଦ[ଅସ] ନିଜର ଏକ କାବ୍ୟରେ କହିଥିଲେ ।

ଅଜୁ ଯବ୍ ବଢଗୟା ଶୋରୋ ଫ ଗାଁ ମେଁ
ନିହାଁ ହମ୍ ହୋ ଗୟେ ୟାରେ ନିହାଁ ମେଁ

ଶତ୍ରୁତାର କରାଳ ରୂପ ଯେତେବେଳେ ଚରମ ସୀମାରେ ପହଞ୍ଚିଯାଏ,ଯେବେ ଅତ୍ୟାଚାରର ଓ ନିଷ୍ଠୁରତାର କରୁଣା ଆର୍ତ୍ତନାଦ ଶୁଭେ, ସେ ସମୟରେ ସେହି ଅଦୃଶ୍ୟ ସତ୍ତାଙ୍କ ନିକଟରେ ଆକୁଳ ହୋଇ ଗୁହାରି କରିବା ଆବଶ୍ୟକ । ତାଙ୍କ ଦରବାରରେ ନିଜ ଦୁଃଖକୁ ଏକାନ୍ତ ଭାବରେ ବିକଳରେ କାନ୍ଦି ଜଣାଇଲେ ସେହି ପରମ ସଖାଙ୍କ ଆସନ ଦୋହଲିଯିବ । ଏକନିଷ୍ଠ ପ୍ରାର୍ଥନା ଗୋଟିଏ ଲକ୍ଷ୍ୟରେ ଏକ ଚିତ୍ତ ଭାବନାରେ ହେବା ଉଚିତ । ନିଜ ମାଗୁଣି ଲକ୍ଷ୍ୟଭ୍ରଷ୍ଟ ହେବା ଉଚିତ ନୁହେଁ । ଆମ ଏ ବିପତ୍ତିର ଅନ୍ତ ଘଟାଇବା ଓ ଶତ୍ରୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଆମ ଜମାଅତର ସଭ୍ୟମାନେ ଯଦି ଇଚ୍ଛା କରୁଥାନ୍ତି, ତା' ହେଲେ ପାକିସ୍ତାନରେ ହେଉଥିବା ପ୍ରବଳ ଅତ୍ୟାଚାରର ଦାଉରୁ ଅହମଦିମାନଙ୍କୁ ନିସ୍ତାର ମିଳିବା ସକାଶେ କି ଧନୀ, କି ଦରିଦ୍ର, କି ପୁରୁଷ, କି ନାରୀ ସମସ୍ତଙ୍କୁ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ । କାରଣ ଅହମଦୀୟତ୍‌ର ବିଜୟ ହେଲେ ଜଗତ ଉଦ୍ଧାର ହେବ । ପଥଭ୍ରଷ୍ଟ ମୁସଲିମମାନେ ଅଲ୍ଲାଃଙ୍କ କରୁଣା ପାଇବା ସାଧିତ ହେଲେ ଆମର ବିଜୟ ଅବଶ୍ୟମ୍ଭାବୀ । ଏହି ବିଜୟ ସହିତ ଅତ୍ୟାଚାରର ଦମନଲୀଳାର ଅନ୍ତ ହେବା ଜଡିତ ।

ପାଲେଷ୍ଟାଇନର ଦୁର୍ଦ୍ଦଶାରୁ ମୁକ୍ତି ପାଇବା ହେଉ କିମ୍ବା ମୁସଲମାନଙ୍କୁ ନିଜ ଅତ୍ୟାଚାରୀ ଶାସକଙ୍କ କବଳରୁ ସ୍ୱାଧୀନ କରିବା -ଏସବୁ କେବଳ ଅହମଦିମାନଙ୍କ ଦୁଆ ଦ୍ୱାରା ସମ୍ଭବ ହୋଇପାରିବ । ତେଣୁ ଦୁଆ କରିବାରେ ମଗ୍ନ ରହିବା ଆମମାନଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ । ସୁତରାଂ ଆମମାନଙ୍କ ପ୍ରାର୍ଥନାକୁ ଚିରନ୍ତନ କରାଗଲେ ହିଁ ଏହା କେବଳ ମୁକ୍ତି ପାଇଁ ନୁହେଁ, ବରଂ ମାନବିକତା ପାଇଁ ମୁକ୍ତି ଆନ୍ଦୋଳନର ମାଧ୍ୟମ ହୋଇପାରିବ । ତେବେ ଏପରି ସ୍ଥଳେ ଆମର ଦାୟୀତ୍ୱବୋଧକୁ ଆମେ ବୁଝିବା ଦରକାର । ହଜରତ ମସିହ ମଉଦ[ଅସ] କହିଛନ୍ତି :

'ବିପତ୍ତି ପଡିଲା ବେଳେ ହିଁ ଦୁଆର ଅଦ୍ଭୁତ ପ୍ରକାର ପ୍ରଭାବ ଅନୁଭୂତ ହୁଏ । ଏହି ପ୍ରାର୍ଥନା ହିଁ ପ୍ରଭୁଙ୍କର ପରିଚୟ ଦିଏ ।'

ତେଣୁ ଯେପରି ମୁଁ କହିଛି, ଅହମଦିଙ୍କ ବ୍ୟତୀତ ଆଉ କିଏ ଅଛି, ଯାହା ଉପରେ ଆଜି ଅତ୍ୟଧିକ ବିପତ୍ତି ପଡିଛି ! ଆଜିକାଲି ଆହମଦୀଙ୍କୁ ଛାଡିଦେଲେ ଅନ୍ୟ କିଏ ଅଛି ଯାହାଙ୍କ ପ୍ରତି କେତେକ ମୁସଲିମ ଦେଶରେ ସବୁଆଡୁ ନିର୍ଯ୍ୟାତନା ଦିଆଯାଉଛି ? ହଜରତ ଖଲିଫତୁଲ ମସିହ ତୃତୀୟଙ୍କ କହିବାନୁଯାୟୀ ସେହି ଦେଶମାନଙ୍କରେ କେବଳ ଅଧିକାଂଶ ନୁହନ୍ତି, ବରଂ ପ୍ରାୟ ସମଗ୍ର ଭଦ୍ରଶୀଳ ନାଗରିକ ନୀରବ ଦର୍ଶକ ସାଜି ଅନ୍ୟାୟ ଓ ଅତ୍ୟାଚାରକୁ ପ୍ରଶୟ ଦେଉଛନ୍ତି, ବିଭ୍ରାଟ ସୃଷ୍ଟି କରିବାରେ ଦୁର୍ବୃତ୍ତମାନଙ୍କୁ ସହଯୋଗ କରୁଛନ୍ତି, କେବଳ ଏତିକି କହିଲେ ଯଥେଷ୍ଟ ହେବନାହିଁ, ବରଂ ଏହା ଏକ ମୁକ ସଭ୍ୟତା ପାଲିଟିଛି । ଏହି ପରିସ୍ଥିତିରେ ଦୁଆ କରିବାର ଚମତ୍କାରିତାରୁ ଉପକୃତ ହେବାପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଉପର ଲିଖିତ କୋରାନ୍‌ର ଆୟତ ଯାହା ମୁଁ ଏବେ ଆବୃତ୍ତି କଲି, ତହିଁରେ ଅଲ୍ଲାଃତାଲା ଏହି କଥା ହିଁ କହୁଛନ୍ତି କି ଦେଖ, ନିଷ୍ପେସିତ ଓ ଦୁଃଖରେ ପୀଡିତ ଲୋକଙ୍କ ପ୍ରାର୍ଥନାକୁ କିଏ ଗ୍ରହଣ କରେ ଜାଣିଛ ? କେବଳ ଅଲ୍ଲାଃ ହିଁ ଗ୍ରହଣ କରନ୍ତି । ଯେବେ ସେହି ପୀଡିତ ବ୍ୟକ୍ତି ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ହରାଇ ବସେ ଓ ହତାଶ ହୋଇଯାଏ, ସେହି ଅବସ୍ଥାକୁ 'ମୁଜ୍‌ତର୍‌' କୁହାଯାଏ । ଚାରିଆଡୁ ବିପତ୍ତି ଘେରିଯାଏ ଓ କୌଣସି ସାଂସାରିକ ଦୃଷ୍ଟିକୋଣରୁ ସଫଳତାର ରାସ୍ତା ତାକୁ ଆଉ ଦେଖାଯାଏ ନାହିଁ । କେବଳ ଏକମାତ୍ର ରାସ୍ତା, ଅଲ୍ଲାଃଙ୍କ ଆଡକୁ ବାଟ କଢାଇ ନେବାର ଉପାୟ ହିଁ ତାକୁ ଦେଖାଯାଏ । ଏହା ହେଉଛି ମୁଜ୍‌ତର୍ ବୋଲି ପ୍ରଭୁ କହୁଛନ୍ତି ଯେଉଁମାନଙ୍କୁ କେବଳ ମୋ ଆଡକୁ ଆସିବାର ବାଟ ମିଳିଯାଏ,ଅନ୍ୟ ସବୁ ପ୍ରକାର ରାସ୍ତା ଓ ସାହାଯ୍ୟ ସହଯୋଗର ଦିଗ ଆଶାଶୂନ୍ୟ ଭାବେ ବନ୍ଦ ହୋଇଯାଏ ।

ସୁତରାଂ ସେହି ବ୍ୟକ୍ତି ଏପରି 'ମୁଜ୍‌ତର୍‌' ହୋଇଯାଏ, ଯାହାକୁ ଅଲ୍ଲାଃଙ୍କ ବିନା ଅନ୍ୟ କେଉଁଠାରେ ଆଶ୍ରୟ ଓ ନିରାପତ୍ତା ମିଳେ ନାହିଁ । ଅଲ୍ଲାଃ ବ୍ୟତୀତ ଆଉ କେହି ତାଙ୍କୁ ଶରଣ ଦିଅନ୍ତି ନାହିଁ ଏବଂ ସେହି ଅସହାୟ ବ୍ୟକ୍ତି ବିପଦରୁ ଉଦ୍ଧାର ପାଇଁ ଅଲ୍ଲାଃଙ୍କ ଆଶ୍ରିତ ହୋଇ ତାଙ୍କ ଚରଣରେ ଗୁହାରି ଜଣାଏ । ଫଳରେ ତା'ର ସମସ୍ତ ପ୍ରାର୍ଥନା ଆଶ୍ଚର୍ଯ୍ୟଜନକ ଭାବେ ପୂରଣ ହୋଇଥାଏ । ଦୁଆ ଗୃହୀତ ହେବା ପାଇଁ ଆମ ମନରେ ଏହି ବିଶ୍ୱାସ ଜାତ କରିବାକୁ ହେବ ଯେ ପ୍ରତ୍ୟେକ ପ୍ରକାର ଦୁଃଖ ଓ ବିପତ୍ତି ସମୟରେ ଅଲ୍ଲାଃତାଲା ହିଁ କାମରେ ଆସନ୍ତି । ତାହାଙ୍କ ବ୍ୟତୀତ ଅନ୍ୟ କୌଣସି ରାସ୍ତା ଆମକୁ ଆଶାର ଆଲୋକ ଦେଖାଇ ପାରିବ ନାହିଁ । ଯଦ୍ଦ୍ୱାରା ଆମକୁ ତାଙ୍କ ଜ୍ୟୋତିର କିରଣ ଦୃଷ୍ଟିଗୋଚର ହୁଏନାହିଁ । ଏପରି ଦୁଃଖ ପ୍ରପୀଡିତ ବ୍ୟକ୍ତିଙ୍କ ହୃଦୟର ବ୍ୟଥାକୁ ଅନୁଭବ କରି ସ୍ୱୟଂ ପ୍ରଭୁ ଧାଇଁ ଆସନ୍ତି ଓ ନିଜର ପ୍ରତିଶ୍ରୁତି ରକ୍ଷା କରି ତାଙ୍କର ସକଳ କଷ୍ଟ ଯନ୍ତ୍ରଣା ଦୂର କରିଦିଅନ୍ତି । ପୁଣି ଅଲ୍ଲାଃତାଲା କହୁଛନ୍ତି କେବଳ وَيَكْشِفُ السُّوءَ **ୟକ୍‌ଶିଫୁସ୍ ସୁ'ଆ** ହେବା ଯଥେଷ୍ଟ ନୁହେଁ । ଅର୍ଥାତ୍ ସେ ଭୋଗୁଥିବା ସକଳ କଷ୍ଟ ଦୂର କରିଦେଲେ ଚଳିବ ନାହିଁ, ବରଂ ଅଲ୍ଲାଃଙ୍କ ଆଶୀଷ ତ ସୀମାହୀନ ଓ ତାଙ୍କ ପୁରସ୍କାର ଅପର୍ଯ୍ୟାପ୍ତ । ଏହି ପଙ୍କ୍ତିରେ ଅଲ୍ଲାଃତାଲା କେବଳ ବିଶ୍ୱାସକାରୀଙ୍କ କଷ୍ଟ ଲାଘବ କରିଦିଅନ୍ତି ବୋଲି କହିନାହାନ୍ତି, ତତ୍‌ସହିତ କହିଛନ୍ତି وَيَجْعَلُكُمْ خُلَفَاءَ الْأَرْضِ **ୟଜ୍‌ଅଲ୍‌କୁମ୍ ଖୋଲଫା ଅଲ୍ ଅର୍‌ଜି** ଅର୍ଥାତ୍ ତୁମମାନଙ୍କୁ ଭୂପୃଷ୍ଠର ଉତ୍ତରାଧିକାରୀ କରିଦେବେ । ସେ ବଡ ବଡ ଦୁର୍ଦ୍ଦାନ୍ତ ରାଜାମାନଙ୍କୁ ସମୂଳେ ବିନାଶ କରି ତାଙ୍କ ସ୍ଥାନରେ ଦୁର୍ବଳ ଓ ଅତ୍ୟାଚାର ଭୋଗ କରୁଥିବା ନିରୀହ ଲୋକଙ୍କୁ ରାଜା କରି ବସେଇ ଦିଅନ୍ତି । ସେ ଯେପରି ବ୍ୟକ୍ତିଗତ ଭାବରେ ନିଃସହାୟଙ୍କ ପ୍ରାର୍ଥନା ଶୁଣି ତାଙ୍କ ଦୁଃଖମୋଚନ କରନ୍ତି, ସେହିପରି କୌଣସି ଜାତି ବା ସଂପ୍ରଦାୟର ସାମୁହିକ କଷ୍ଟ ଓ ବିପତ୍ତିକୁ ମଧ୍ୟ ନିବାରଣ କରନ୍ତି । ପବିତ୍ର କୋରାନ୍‌ରେ ଅନ୍ୟତ୍ର ଏହି ଶିକ୍ଷା ଦେଖିବାକୁ ମିଳେ । ଅତୀତରେ ଉପୁଜିଥିବା ସାଂପ୍ରଦାୟିକ ଶକ୍ତି ତାଙ୍କ ଯେତେବେଳେ ତାଙ୍କ ରସୁଲ ଓ ଅନୁଚରବର୍ଗଙ୍କୁ ଯାବତୀୟ ପ୍ରକାର ନିଷ୍ଠୁର ବ୍ୟବହାର

ଦେଖାଇଲେ, ସେତେବେଳେ ଅଲ୍ଲାଃତାଲା ସେମାନଙ୍କୁ ନଷ୍ଟଭ୍ରଷ୍ଟ କରିଦେଲେ ଓ ଦଳିତ ନିଷ୍ପେସିତ ସେହି ଜାତିକୁ ତାଙ୍କ ପରିବର୍ତ୍ତେ ଶକ୍ତିଶାଳୀ ରାଜା କରିଦେଲେ । ବହୁ ବଡ ବଡ ପ୍ରତିପତ୍ତିଶାଳୀ ଓ ପ୍ରବଳ ପ୍ରତାପୀ ବ୍ୟକ୍ତି ପ୍ରଥମେ ଥିଲେ । କିନ୍ତୁ କ'ଣ ହେବ ? ତାଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ରହିଲା ନାହିଁ । ସେମାନେ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଗଲେ । ବିଧିର ନିୟମ ପୂର୍ବପରି ଆଜି ମଧ୍ୟ ସେହିପରି ଅତୁଟ ରହିଛି ଓ ସେହି ନିୟମ କାର୍ଯ୍ୟକାରୀ ହେଉଛି ।

ସୁତରାଂ ଅଲ୍ଲାଃ ଅତ୍ୟାଚାରୀମାନଙ୍କୁ ଲୋପ କରିଦିଏ । କିନ୍ତୁ ଯେତେବେଳେ ଜଣେ ଅତ୍ୟାଚାରୀତ ବ୍ୟକ୍ତି ନିଃସହାୟ ତଥା ଉପାୟଶୂନ୍ୟ ହୋଇ ପରମ ସହାୟକର୍ତ୍ତା ଅଲ୍ଲାଃଙ୍କ ଠାରେ ପ୍ରାଣ ବିକଳରେ ପ୍ରାର୍ଥନା କରେ, ଯେଉଁ ଉଦ୍‌ବେଗକୁ ଭାବଗ୍ରାହୀ ପ୍ରଭୁ ବୁଝିପାରନ୍ତି, ସେତେବେଳେ ତାହାଙ୍କର ଦୟାର ସାଗର ଉଛୁଳି ପଡେ । କୋପରେ ଜର୍ଜଜିତ ସଂହାର କର୍ତ୍ତା ପ୍ରଭୁ ଅତି ଆବେଗରେ ଆସି ସେହି ପାପିଷ୍ଠମାନଙ୍କୁ ଶୀଘ୍ର ବିନାଶ କରିବାପାଇଁ କଠୋର ବ୍ୟବସ୍ଥା ଗ୍ରହଣ କରନ୍ତି । ସେମାନେ ସଂଖ୍ୟାଗରିଷ୍ଠ ହୋଇଥିବା ଯୋଗୁଁ କ୍ଷମତାର ମୋହରେ ଅନ୍ଧ ହୋଇ ଅତ୍ୟାଚାର କରିବାକୁ ମନେ ମନେ ଠାଣି ନେଇଥାନ୍ତି । ଅଲ୍ଲାଃତାଲା କରନ୍ତୁ, ସେମାନଙ୍କ ସଦ୍‌ବୁଦ୍ଧି ଫେରିଆସୁ, ମନରେ ଚେତନା ପଶୁ । ତା' ନ ହେଲେ ତାଙ୍କର ସଂଖ୍ୟା ବହୁଳ ଶକ୍ତି ଓ କ୍ଷମତା ହିଁ ସେମାନଙ୍କ ଧ୍ୱଂସର କାରଣ ହେବ ।

ଜମାଅତରେ ଘଟୁଥିବା ଦୁଃଖଦାୟକ ପରିସ୍ଥିତିକୁ ଦୂର କରିବାକୁ ହେଲେ ପ୍ରାର୍ଥନାରେ ଆମକୁ ସେହିପରି ବ୍ୟଗ୍ରତା ଦେଖାଇବାର ଆବଶ୍ୟକତା ରହିଛି, ଯେପରି ଆମେ ବ୍ୟକ୍ତିଗତ ଉଦ୍ଦେଶ୍ୟ ପୂରଣ କରିବାରେ ଦେଖାଇଥାଉ । ହଜରତ ମସିହ ମଉଦ[ଅ] କହିଛନ୍ତି, ଆମେ ନିୟମିତ ରୂପେ ଓ ବ୍ୟାପକ ଭାବେ ବାରମ୍ବାର ଦୁଆ କରିବା ହେଉଛି ଏହାର ସର୍ତ୍ତ । ତେଣୁ ଆମେ ଭାବିବା ଉଚିତ ନୁହେଁ ଯେ କେବଳ ରମଜାନ ମାସରେ ଦୁଆ କରିଦେଲୁ । ଯଥେଷ୍ଟ ହୋଇଗଲା ଆଉ ପରେ କିଛି ନ କଲେ ଚଳିବ । ଏବେ ଆମକୁ ନିରବଛିନ୍ନ ଭାବରେ ଦୁଆ କରିବା ଉଚିତ ଓ ଅବିରତ ପ୍ରାର୍ଥନାରେ ମନୋନିବେଶ କରିବାର ସର୍ବଦା ଆବଶ୍ୟକ ଅଛି । ଯଦି ଅଲ୍ଲାଃ ଆମକୁ ଖୋଲାଖୋଲି ଭାବରେ ବିଜୟ ପ୍ରଦାନ କରନ୍ତି, ତଥାପି ଆମେ ତାଙ୍କ ପ୍ରତି ହୃଦୟରେ ଭୟ ରଖି ଚାଲିବାକୁ ହେବ । ତାଙ୍କ କରୁଣାକୁ ସାଉଁଟିବା ପାଇଁ ଅନବରତ ଦୁଆ କରିବା ଆବଶ୍ୟକ ପଡିବ, ଯଦ୍ଦ୍ୱାରା ଅଲ୍ଲାଃ ଆମ ସହିତ ସଂପର୍କ କେତେବେଳେ ବିଚ୍ଛିନ୍ନ କରିବା ଉଚିତ ନୁହେଁ । କୌଣସି ବିଶ୍ୱାସକାରୀ ବ୍ୟକ୍ତି ଏପରି ହେବାକୁ ଆଦୌ ବରଦାସ୍ତ କରିବ ନାହିଁ । କଷ୍ଟକର ପରିସ୍ଥିତିରେ ପଡି ମଧ୍ୟ ଆମକୁ କର୍ତ୍ତବ୍ୟ ଠାରୁ ଢେର ଅଧିକ କାର୍ଯ୍ୟ ସଂପାଦନ କରିବା ଆବଶ୍ୟକ । ସୁଖ ସୁବିଧାରେ ରହିଥିଲେ ବି ଆମେ ପ୍ରଭୁଙ୍କୁ ସ୍ମରଣ କରିବା ଜରୁରୀ । ସୁତରାଂ ଜଣେ ଧର୍ମବିଶ୍ୱାସୀ କଦାପି ସ୍ୱାର୍ଥବାଦୀ ନୁହେଁ । ସେଥିପାଇଁ କ୍ଷଣସ୍ଥାୟୀ ବା ସାମୟିକ ପ୍ରାର୍ଥନାରେ ଉଦ୍ଦୀପନାର ଭାବ ଦେଖାଇବା ଯଥେଷ୍ଟ ବୋଲି ସେ ଭାବେ ନାହିଁ, ବରଂ ପ୍ରତ୍ୟେକ ପ୍ରକାର ଅବସ୍ଥାରେ ପ୍ରଭୁଙ୍କ ସହିତ ତା'ର ସଂପର୍କ ଅତୁଟ ରହିଥାଏ ଓ ରହିବା ଉଚିତ ମଧ୍ୟ । ଏହିପରି ବିଶ୍ୱାସ ଓ ସଂପର୍କ ଯୋଗୁଁ ହିଁ ଜଣେ ଧର୍ମବିଶ୍ୱାସୀ ସାଧାରଣ ପରିସ୍ଥିତିରେ ମଧ୍ୟ ଦୁଆ ଗୃହୀତ ହେବାର ସଙ୍କେତ ପାଏ । ହଜରତ ମସିହ ମଉଦ[ଅ] ଗୋଟିଏ ସ୍ଥାନରେ କହିଛନ୍ତି ଯେ 'ମନେରଖ, ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହା ଆଡକୁ ଝୁକିବାର ଅର୍ଥ ହେଉଛି ତାଙ୍କଠାରୁ ସଂପର୍କ ଛିନ୍ନ କରିବା । ଏହା କଳ୍ପନା ମଧ୍ୟ ଜଣେ ବିଶ୍ୱାସକାରୀ ପକ୍ଷେ ଦୁରୁହ । ଅନେକ ସମୟରେ ନିଜ ଦୋଷ ଦୁର୍ବଳତା ଯୋଗୁଁ ଦୁଆ କରିବାରେ ଅବହେଳା ହୁଏ । ପୁଣି କେବେ ସାଂସାରିକ ଜଞ୍ଜାଳରେ ବ୍ୟସ୍ତ ରହିଲେ ଦୁଆ କରିବାରୁ ମନ ଭାଙ୍ଗିଯାଏ । ତେଣୁ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ସମୟରେ ନିଜ ଅବସ୍ଥାକୁ ନିରୀକ୍ଷଣ କରିବା ଉଚିତ । ଘର ଜଞ୍ଜାଳର ବ୍ୟସ୍ତତା ମଧ୍ୟରେ ମନ ଏପରି ମଜ୍ଜି ନଯାଉ, ଯାହା ଫଳରେ ସେହି ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବାର ଅବକାଶ ମିଳିବ ନାହିଁ, ଯେଉଁମାନେ କେବଳ ଜମାଅତ୍‌ର ସଦସ୍ୟ ଭୁକ୍ତ ହୋଇଥିବା ଯୋଗୁଁ ସବୁ ପ୍ରକାର କଷ୍ଟ ଓ ଯାତନା ଭୋଗ କରୁଛନ୍ତି ।

ମନେ ରଖନ୍ତୁ, ଜମାଅତର ପ୍ରତ୍ୟେକ ସଦସ୍ୟଙ୍କ ଦ୍ୱାରା ଏପରି ପ୍ରାର୍ଥନା ଯାହା ଅଲ୍ଲାଃଙ୍କ ଦୟା, କ୍ଷମା ଓ ଇହ ଓ ପରକାଳରେ ଶାନ୍ତି ଲାଭ କରିବା ପାଇଁ ଉଦ୍ଦିଷ୍ଟ, ଅଲ୍ଲାଃଙ୍କ ଗୁଣ ଗୌରବର ଦୁହାଇ ଦେଇ ଭିକ୍ଷା କରିବା ଉଚିତ । ଯଦ୍ଦ୍ୱାରା ତାହା ଜମାଅତ ସଂବନ୍ଧୀୟ ସମସ୍ୟା ଓ କଷ୍ଟକୁ ଲାଘବ କରିବାର ପରିଚାୟକ ହେବ ।

ଆମେ ଏକ ଜମାଅତର ଅନୁଗାମୀ ହୋଇ ଗୋଷ୍ଠୀଗତ ଭାବରେ ଗୋଟିଏ ସୂତ୍ରରେ ବନ୍ଧା ହୋଇଥିବାର ଦାବି କରୁଛେ, ସେଥିଯୋଗୁଁ କେବଳ ନିଜ ଦୁଃଖ କଷ୍ଟ ଦୂର କରିବା ପାଇଁ ପ୍ରାର୍ଥନାରତ ନହୋଇ ସାମୂହିକ ଦୁଃଖ ବିପତ୍ତିକୁ ପ୍ରତିହତ କରିବା ପାଇଁ ଅଲ୍ଲାଃଙ୍କ ନିକଟରେ ଏପରି ବ୍ୟଗ୍ରତା ଓ ଭାବ ବିହ୍ୱଳ ହୋଇ ଦୁଆ କରିବା ଆବଶ୍ୟକ ଯାହା ନିଜସ୍ୱ ଦୁର୍ଦ୍ଦଶାରୁ ମୁକ୍ତି ପାଇଁ ମନୁଷ୍ୟ କରିଥାଏ । ସେହିପରି ଜମାଅତ୍‌ର ଉନ୍ନତି ଓ ଅବସ୍ଥାରେ ପରିବର୍ତ୍ତନ ପାଇଁ ଦୁଇ ରକାତ୍ ନଫିଲ୍ (ଇଚ୍ଛାଧିନ ନମାଜ) ପଢନ୍ତୁ । ମୋତେ ବହୁ ସଂଖ୍ୟକ ପତ୍ରରେ ନିୟମିତ ରୂପେ ନଫିଲ୍ ପଢାଯାଉ ଥିବାର ସୂଚନା ମିଳୁଛି । ତେବେ ସେହି ପ୍ରାର୍ଥନାରେ ବ୍ୟାକୁଳ ଓ ତନ୍ମୟ ଭାବ ପ୍ରକାଶ ପାଇବା ଉଚିତ ।

ନିଜ କର୍ମ ଅଲ୍ଲାଃଙ୍କ ସନ୍ତୁଷ୍ଟି ପାଇଁ କରିବାରେ ନିଷ୍ଠାପୂର୍ଣ୍ଣ ଭାବନା ରହିବା ଦରକାର । ଆମର ଏହି କର୍ମ ପ୍ରାର୍ଥନା ଗୃହୀତ ହେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେହିପରି ଜମାଅତ୍‌ର କଷ୍ଟକୁ ନିଜସ୍ୱ କଷ୍ଟ ବୋଲି ଭାବି ଅତ୍ୟନ୍ତ ବିନମ୍ରତା ଓ ଧିରଚିତ୍ତ ହୃଦୟର ସହିତ ସେ ସବୁର ଦୂରୀକରଣ ପାଇଁ ଦୁଆ କରିବା ଆବଶ୍ୟକ ।

ପୁଣି ହଜରତ ମସିହ ମଉଦ[ଅସ] କହୁଛନ୍ତି ଯେ ଦୁଆ ଗୃହୀତ ହେବା ପାଇଁ ମନୁଷ୍ୟ ନିଜ ଭାବନା ଓ କର୍ମରେ ନିର୍ମଳ ପରିବର୍ତ୍ତନ ଆଣିବା ଜରୁରୀ । ଯଦି ଖରାପ କାର୍ଯ୍ୟରୁ ବଞ୍ଚିତ ହୋଇ ରହିପାରିବ ନାହିଁ ଓ ସୀମା ଉଲଂଘନ କାର୍ଯ୍ୟ କରିବ, ତେବେ ତା'ର ଦୁଆ ଅତ୍ୟନ୍ତ ପ୍ରଭାବହୀନ ହୋଇଥାଏ ଓ କୌଣସି କାମରେ ଆସେ ନାହିଁ ।

ଅଲ୍ଲାଃ କରନ୍ତୁ ଆମେ ହଜରତ ମସିହ ମଉଦ[ଅସ]ଙ୍କ ଅଭିଳାଷ ଅନୁସାରେ କାର୍ଯ୍ୟ କରିବା ଓ ନିଜ ଜୀବନରେ ସ୍ୱଚ୍ଛ ପରିବର୍ତ୍ତନ ଆଣିବାରେ କୃତକାର୍ଯ୍ୟ ହେବା । ନିଜର ସମସ୍ତ କର୍ମର ଉଦ୍ଦେଶ୍ୟ କେବଳ ଅଲ୍ଲାଃଙ୍କ ସନ୍ତୁଷ୍ଟି ଲାଭ ସକାଶେ ହେଉ । ସେଥିପାଇଁ ସଫଳ ପ୍ରୟାସ ନିରନ୍ତର ଜାରି ରଖିବା ଆବଶ୍ୟକ । ଅଲ୍ଲାଃଙ୍କ ଛାମୁରେ ଗଭୀର ନିଷ୍ଠା ଓ ଶ୍ରଦ୍ଧାର ସହିତ ଗୁହାରି ଜଣାଇବା ପ୍ରତି ଆମର ଧ୍ୟାନ ଆକର୍ଷିତ ହେଉ । ନିଜ କଷ୍ଟ ଓ ଦୁଃଖ ମୋଚନ ପାଇଁ ଯେପରି ବ୍ୟକ୍ତିଗତ ଭାବେ ଅଲ୍ଲାଃଙ୍କ ନିକଟରେ ଦୁଆ କରୁଥାଇଁ, ଠିକ ସେହିପରି ଜମାଅତର ସଂକଟ ଓ ଦୁର୍ଦ୍ଦଶାକୁ ଶୀଘ୍ର ଦୂର କରିଦେବା ପାଇଁ ତାହାଙ୍କ ଶ୍ରୀଛାମୁରେ ଭକ୍ତିପୂତ ପ୍ରାର୍ଥନା କରିବାରେ ଆମମାନଙ୍କର ବ୍ୟଗ୍ରତା ପ୍ରକାଶ ପାଉ । ବିରୁଦ୍ଧାଚରଣକାରୀଙ୍କ ଶତ୍ରୁତା ଓ ଦୁଷ୍କାମିରୁ ରକ୍ଷା ପାଇବା ପାଇଁ ଆମେ ଏକଜୁଟ ହୋଇ ଦୁଆ କରିବାରେ ଆଗଭର ହୋଇଯାଉ । ଯେପରି ମୁଁ ଆରମ୍ଭରୁ କହିଥିଲି, ଯେ ପର୍ଯ୍ୟନ୍ତ ଆମେ ସାମୁହିକ ଭାବେ ଘଟୁଥିବା କଷ୍ଟକର ପରିସ୍ଥିତିରୁ ଉଦ୍ଧାର ପାଇବା ପାଇଁ ସ୍ୱଚ୍ଛ ମନରେ ବ୍ୟାକୁଳତା ପ୍ରକାଶ ନ କରିବା ଓ ପ୍ରଭୁଙ୍କ ଆଗରେ ନତମସ୍ତକ ନ ହେବା, ସେ ପର୍ଯ୍ୟନ୍ତ ଶୀଘ୍ର ନିଜ ଉଦ୍ଦେଶ୍ୟକୁ ହାସଲ କରି ପାରିବା ନାହିଁ । ସେଥିପାଇଁ ହଜରତ ମସିହ ମଉଦ[ଅସ]ଙ୍କ ବୟତ୍‌ରେ ରହି ତାଙ୍କର ଆନୁଗତ୍ୟ ସ୍ୱୀକାର କରିବା ପୂର୍ବକ ସମବେତ ପ୍ରାର୍ଥନା କଲେ ଆମର ବ୍ୟକ୍ତିଗତ ସମସ୍ୟା ମଧ୍ୟ ଦୂର ହୋଇପାରିବ । ଯଦି ଜଣେ ବ୍ୟକ୍ତି ଅନ୍ୟ ପାଇଁ ଦୁଆ କରେ, ଦେବଦୂତ(ଫରିସ୍ତା)ଗଣ ମଧ୍ୟ ତାହା ପାଇଁ ଦୁଆ କରନ୍ତି । ବିପଦ ଓ ସଂକଟର ପଥର ସେତେବେଳେ ଯାଇ ଗୁମ୍ଫାର ମୁହଁରୁ ହଟାଯାଇ ପାରିବ, ଯେତେବେଳେ ଏକନିଷ୍ଠ ପ୍ରାର୍ଥନା ଓ ସଠିକ ଦିଗରେ ଏକାଗ୍ରତା ପୂର୍ବକ ଦୁଆ କରାଯିବ । ତେଣୁ ଜମାଅତର କୌଣସି ଲୋକ ସ୍ୱାର୍ଥପର ହୋଇ ଏପରି ନ ଭାବୁ ଯେ ମୁଁ ତ ଠିକ ଅଛି, ଆଉ ସବୁ କଥା ବି ଠିକଠାକ୍ ଚାଲିଥିବ, ମୋର ସେଥିରେ ଯାଏ ଆସେ କେତେ ! ପୃଥିବୀର କୌଣସି କୋଣରେ ରହୁଥିବା ଅହମଦିର କଷ୍ଟ ଆମ ସମସ୍ତଙ୍କର କଷ୍ଟ ବୋଲି ବିଚାରିବା ଉଚିତ୍ ।

ଏହି ଭାବନା ମନରେ ସୃଷ୍ଟି ହେଲେ ଆମେ ଅନ୍ୟ ପାଇଁ ଦୁଆ କରିବାକୁ ଆମ ଧ୍ୟାନ କେନ୍ଦ୍ରୀଭୂତ ହେବ । କେବଳ ଏହି ଅନୁଭବ ଯଥେଷ୍ଟ ନୁହେଁ । ଏହି ଦୁଆ ଆମର ଏକ ଅସ୍ତ୍ର ମଧ୍ୟ । ସୁତରାଂ ହଜରତ ମସିହ ମଉଦ[ଅସ] କହିଛନ୍ତି:

"ଏହି ହତିଆର(ଦୁଆ ରୂପକ ଅସ୍ତ୍ର) ହିଁ ଆମର ବିଜୟକୁ ଆଲିଙ୍ଗନ କରିବ । କିନ୍ତୁ ଏହା ମଧ୍ୟ ଆମକୁ ମନେ ରଖିବାକୁ ହେବ ଯେ ଆମେ ଆବେଗରେ ଆସି ଏପରି ଦୁଆ କରିବା ଉଚିତ ନୁହେଁ ଯେ ଶତ୍ରୁମାନଙ୍କ ଉପରେ ପ୍ରଭୁ ନିଜର ଅଭିଶାପ ପକାଇ ପ୍ରଚଣ୍ଡ ଶକ୍ତି ଅବତୀର୍ଣ୍ଣ କରନ୍ତୁ । ବରଂ ଏହି ଦୁଆ କରିବା ଯେ ହେ ଦୟାମୟ ଈଶ୍ୱର ! ଆମେ ସେମାନଙ୍କର ମଙ୍ଗଳ ଚାହୁଁଛୁ, ବିନାଶ ନୁହେଁ । ଆମପରି ଦୁର୍ବଳ ପ୍ରାଣୀକୁ ତୁମ କରୁଣା ଢାଙ୍କି ରଖିଛି ଓ ଅତ୍ୟନ୍ତ କଠୋର ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଆମେ ତୁମ ଆଶୀର୍ବାଦ ଲାଭ କରୁଛୁ ଓ ତୁମ୍ଭ କୃପାର ଶୀତଳତା ସର୍ବତ୍ର ଛାୟା ବିସ୍ତାରିତ କରିଥିବାର ଆମେ ସବୁବେଳେ ଦେଖିଆସୁଛୁ ।

ଏପରି ସ୍ଥଳେ ତୁମ୍ଭେ ଯଦି ସେହି ଅଜ୍ଞାନୀଲୋକମାନଙ୍କୁ ଦୟାର ଚାଦରରେ ଘୋଡାଇ ରଖନ୍ତ ଓ ତାଙ୍କୁ ସତପଥ ଦେଖାଇ ଦିଅନ୍ତ, ତା'ହେଲେ ଏହା ସେମାନଙ୍କ ପାଇଁ ଗୌରବର ବିଷୟ ଓ ଆମ ପାଇଁ ମଧ୍ୟ ସୌଭାଗ୍ୟର କଥା ହୁଅନ୍ତା । କିନ୍ତୁ ଯଦି ଏଥିରେ ଅନ୍ୟ କିଛି ରହସ୍ୟ, ଯାହା ସେମାନଙ୍କୁ ସତ୍‌ପଥ ଦେଖାଇ ପାରୁନାହିଁ ବୋଲି ତୁମେ ଜାଣିଛ ଏବଂ ସେମାନଙ୍କୁ ନିପାତ କରିବାରେ କଲ୍ୟାଣ ନିହିତ ଅଛି, ତା'ହେଲେ ତୁମେ ସେମାନଙ୍କୁ ଆମ ରାସ୍ତାରୁ ଏପରି ଭାବରେ ହଟାଇ ଦିଅ, ଯେପରିକି ସେମାନଙ୍କ ଅସ୍ତିତ୍ୱ ଆମର ପ୍ରତିବନ୍ଧକ ନ ହେବ, ଯହିଁରେ ଅହମଦିୟତ ଅର୍ଥାତ୍ ପ୍ରକୃତ ଇସଲାମର ଉନ୍ନତି ଜଡିତ ରହିଛି ।

ସୁତରାଂ ଅଲ୍ଲାଃଙ୍କ ରହସ୍ୟ ଲୁଚିଥିବା ବିଷୟ ଯାହା ପ୍ରଘଟ ହେବା ତାହାଙ୍କର ଇଚ୍ଛା, ତାହା ହିଁ କାର୍ଯ୍ୟକାରୀ ହେଉ । ଇଚ୍ଛାମୟ ପ୍ରଭୁଙ୍କ ବରଦାନ ଆମ ପାଇଁ ଦୁଆରେ ପରିଣତ ହେଉ । ସେହି ଦୃଷ୍ଟିରୁ ସେହି ଅନିଷ୍ଟକାରୀ ଲୋକମାନଙ୍କ ପାଇଁ ଆମେ କେବଳ ଦୁଆ କରିବା ଉଚିତ, କୌଣସି ଖୋଲା ବଦ୍‌ଦୁଆ (ଅଭିଶାପ ମୂଳକ ପ୍ରାର୍ଥନା) ନୁହେଁ । ଅଲ୍ଲାଃ ଆମ ସମସ୍ତଙ୍କୁ ଦୁଆ ଭିତ୍ତିକ ପ୍ରକୃତ କର୍ତ୍ତବ୍ୟ ପ୍ରତି ସଚେତନ କରାନ୍ତୁ ।

ଉର୍ଦ୍ଦୁ ଖୁତ୍‌ବା: **ହଜରତ ମିର୍ଜା ମସରୁର ଅହମଦ୍ ସାହେବ୍,** ଖଲିଫତୁଲ ମସିହ ପଞ୍ଚମ[ଅବ]
ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି, ଓଡିଶା**
email : roushankhan59@gmail.com
Our Website: www.alislam.org/mta.tv
Toll Free No: 1800 3010 2131